# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ରୁତ୍ ଏକ ପ୍ରେମ କାହାଣୀ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Lyn Doerksen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯଦି ତୁମେ ତୁମର ପରଜେଜେ, ସେମାନଙ୍କର ପିତାମାତାଙ୍କର ଦେଖାପାଅ, ଓ ସେ ସମସ୍ତ ଲୋକ ଯେଉଁମାନେ ତୁମ ଆଗରେ ତୁମ ପରିବାରରେ ଥିଲେ, ସେମାନଙ୍କୁ ଦେଖି ଏମାନେ କିପରି ଲୋକ ଏହା ଭାବି ତୁମେ ଆଶ୍ଚର୍ଯ୍ୟ ମଧ୍ୟ ହୋଇପାର ।

ବାଇବଲରେ, ରୁତ୍ ଥିଲେ ଯୀଶୁଙ୍କର ପୂର୍ବପୁରିଷମାନଙ୍କ ମଧ୍ୟରୁ ଜଣେ ।



ସେ ମୋୟାବ ଦେଶିୟା ଓ ଏକ ପ୍ରତିମାପୂଜିକା ଥିଲା ।

ରୁତର କାହାଣୀ ଇସ୍ରାୟେଲରେ ଶାମ୍ଶୋନଙ୍କ ସମୟ ପରେ ଆରମ୍ଭ ହୁଏ, ଯେତେବେଳେ ସଦାପ୍ରଭୁଙ୍କ ଲୋକମାନେ ଈଶ୍ୱରଙ୍କ ଉପରେ ଭରଷା କରିବା ଓ ପ୍ରଭୁଙ୍କୁ ଆଜ୍ଞା ମାନିବାକୁ ତୁଛ କଲେ । ଏକ ଭୟଙ୍କର ଅକାଳ ଦୁର୍ଭୀକ୍ଷ ଦେଶସାରା ବ୍ୟାପିଗଲା । ତୁମେ ଜାଣ କି ଅକାଳ କଅଣ, ତାହା ଠିକ୍, ଦୁର୍ଭୀକ୍ଷ ହେଲେ ଦେଶରେ କୌଣସି ପ୍ରକାରର ଫଳ, କିମ୍ବା ଫସଲ ବଢ଼େନାହିଁ, ଫଳରେ ଖାଦ୍ୟର ଅଭାବରେ ପଶୁପକ୍ଷୀ ଓ ଲୋକମାନଙ୍କର ମୃତୁ ହୋଇଯାଏ ।



ଜଣେ ଲୋକ, ଏଲିମେଲକ, ଖାଦ୍ୟ ନିମନ୍ତେ ବେଥଲିହିମ ପରିତ୍ୟାଗ କରି ଆପଣା ଭାର୍ଯ୍ୟା ଓ ଦୁଇ ପୁତ୍ରମାନଙ୍କ ସହିତ ବାହାରିଲା, ସେ ମୋୟାବ ଦେଶରେ ବସତି କରିବାକୁ ଗଲା । ସେହି ଦେଶରେ ଲୋକମାନେ ପ୍ରତିମା ପୂଜକ ଥିଲେ ।



ମୋୟାବ
ଦେଶରେ ଏଲିମେଲକ
ଓ ତାଙ୍କ ପରିବାର
ପାଇଁ କିଛି




ଭଲ ହେଲା ନାହିଁ । ତାଙ୍କର ମୃତ୍ୟୁ ହୋଇଗଲା, ପରେ
ପରେ ତାଙ୍କର ଦୁଇ ପୁତ୍ରମାନେ ମଧ୍ୟ ପ୍ରାଣତ୍ୟାଗ କଲେ ।

କେବଳ ତାଙ୍କର
ପତ୍ନୀ ନୟମୀ ତାଙ୍କର ଦୁଇ ପୁତ୍ରବଧୂମାନ
ଅର୍ପା ଓ ରୂତଙ୍କ ସହିତ ଅବଶିଷ୍ଟ ରହିଲେ ।
ସେହି




ପୁତ୍ରବଧୂମାନେ ଦୁହେଁ ମୋୟାବ ଦେଶର ଥିଲେ ।

ନୟମୀ, ବର୍ତ୍ତମାନ୍ ସେ ବିଧବା ଅଟନ୍ତି, ଶୁଣିପାରଲେ ଯେ ସଦାପ୍ରଭୁ ଆପଣା ଲୋକମାନଙ୍କର ତତ୍ତ୍ୱାବଧାନ କରି ଆହାର ଦେଇଛନ୍ତି । ସେ ନିଜ ଦେଶକୁ ଫେରିଯିବାକୁ ମନସ୍ଥ କଲେ ।



କିନ୍ତୁ ସେହି ଦୁଇ ଝିଅମାନେ କଅଣ କରିବେ, ନୟମୀ ଆପଣା ପୁତ୍ରବଧୂମାନଙ୍କୁ କହିଲା ତୁମ୍ଭମାନେ ଆପଣା ଆପଣାର ମାତାର ଗୃହକୁ ଫେରିଯାଅ ଓ ମୋୟାବ ଦେଶରେ ରହି ପୁଣିଥରେ ବିବାହ କର ।



ଅର୍ପା ନିଜର ମାତାର ଗୃହକୁ ଫେରିଗଲା । କିନ୍ତୁ ରୁତ ଅସ୍ୱୀକାର କଲା । ବଦଳରେ ସେ ଏକ କବିତା ଯାହା ପ୍ରତିଜ୍ଞା କରେ ସେ ତାଙ୍କର ଶାସୁଙ୍କୁ କଦାପି ତ୍ୟାଗ କରିବେ ନାହିଁ ।



ନୟୋମୀଙ୍କ ପୂର୍ବତନ ବନ୍ଧୁମାନେ ତାଙ୍କ ନିଜ ଦେଶ ବେଥଲିହିମକୁ ଫେରିବାର ଦେଖି ବହୁତ ଖୁସି ହେଲେ । କିନ୍ତୁ ସେ ସେମାନଙ୍କୁ କହିଲେ ତୁମ୍ଭେମାନେ ମୋତେ ନୟୋମୀ ବଦଳରେ ମାରା (ତିକ୍ତ) ବୋଲି ଡାକ । ଯେହେତୁ ଶର୍ବଶକ୍ତିମାନ୍ ମୋତେ ଅତି ତିକ୍ତ ବ୍ୟବହାର କରିଅଛନ୍ତି । ନୟୋମୀ କେବଳ ରୁତ ସହିତ ଫେରି ଆସିଛନ୍ତି ଆଉ କିଛି ନାହିଁ ।





ମୋୟାବ ଦେଶରେ ଅନେକଙ୍କ ପରି ରୁତ
ମଧ୍ୟ ପ୍ରତିମାପୂଜିକା ଥିଲେ, ସେ ସେଠାରୁ
ଇସ୍ରାଏଲ୍ ଜୀବୀତ ପରମେଶ୍ୱରଙ୍କର ଉପାସକ
ହୋଇଗଲେ । ନୟୋମୀଙ୍କ ନିମନ୍ତେ ଯେପରି
ଖାଦ୍ୟଭାବ ରହିବ ନାହିଁ ସେଥିପାଇଁ ରୁତ
କଠିନ ପରିଶ୍ରମ କଲେ ।  ସବୁଦିନ ସେ
ଶସ୍ୟଚ୍ଛେଦକମାନଙ୍କର ପଶ୍ଚାତ୍ ପଶ୍ଚାତ୍
ରାଁ କରିବାକୁ
ଲାଗିଲା ।







ବୋୟାଜ, ସେହି ଜମିର ମାଲିକ ରୁତ ଯେ ତାଙ୍କ ଶାଶୁଙ୍କ ସହିତ ଯେରୂପ ବ୍ୟବହାର କରିଥିଲେ ତାହା ବିଷୟରେ ଶୁଣଲେ । ସେ ଯେତେବେଳେ ତାଙ୍କୁ ଦେଖିଲେ, ବୋୟାଜ ରୁତଙ୍କୁ ସେହାଯ୍ୟ କରିବାକୁ କିଛି ଶଶ୍ୟ ପଛରେ ଛାଡ଼ିଯିବାକୁ ନିଜର ଶସ୍ୟଛେଦକମାନଙ୍କୁ ଆଜ୍ଞା ଦେଲେ । କାରଣ ବୋୟାଜ ରୁତଙ୍କୁ ପସନ୍ଦ କରିବାକୁ ଲାଗିଲେ ।



ଯେତେବେଳେ ରୂତ ବୋୟାଜ ଓ
ତାଙ୍କର ଦୟା ବିଷୟରେ ନୟୋମିଙ୍କୁ କହିଲେ,
ସେହି ବୃଦ୍ଧା ସ୍ତ୍ରୀ ପ୍ରଭୁଙ୍କର ପ୍ରସଂଶା
କଲେ । ସେହିଲୋକ ଜଣେ
ଆମ୍ଭମାନଙ୍କର ନିକଟ
କୁଟୁମ୍ବ, ଆମ୍ଭମାନଙ୍କର
ମୁକ୍ତିକର୍ତ୍ତା ଜ୍ଞାତିମାନଙ୍କ
ମଧ୍ୟରେ ଜଣେ
ଅଟଇ ।



ସମୟ ବିତିଯାନ୍ତେ, ବୋୟାଜ ରୁତଙ୍କୁ
ବିବାହ ଓ ନୟୋମୀ ଏ ତାଙ୍କ
ପାରବାରକ ଜମୀର
ଦେଖାଶୁଣା କରିବାକୁ
ଇଛାକଲେ । କିନ୍ତୁ
ଆଉଜଣେ ନିକଟ ସମ୍ପର୍କୀୟର ପ୍ରଥମ ଅବସର ହେବା
ଆବଶ୍ୟକ । ସେହି ଲୋକ ରୁତଙ୍କର ଜମୀକୁ ଚ଼ାହିଲେ
କିନ୍ତୁ ରୁତଙ୍କୁ ବିବାହ କରିବାକୁ ମନା କଲେ । ଦେଶର
ନିୟମ ଅନୁସାରେ ଗୋଟିଏ ଛାଡ଼ି ଅନ୍ୟଟା
ଗ୍ରହଣ କରିବା ବିଧି ନଥିଲା ।



ସେହି ସମୟରେ, ଲୋକମାନେ ଚୁକ୍ତିବଧ କରିବାକୁ ହାତ ମିଶାଉନଥିଲେ । ବୋୟାଜ ନିଜର ଜୋତା ଉତ୍ତାରିଲେ ଓ ଲୋକଙ୍କ ସାମନାରେ ଆରଜଣକୁ ଦେଲେ । ଏହା ଇସ୍ରାୟେଲ ମଧ୍ୟରେ ସାକ୍ଷ୍ୟ ସ୍ୱରୁପ ହେଲା । ବର୍ତ୍ତମାନ୍ ରୁତ ତାଙ୍କର ସ୍ତ୍ରୀ ହେବେ ।



ଏବେ ରୁତ ଓ ନୟୋମୀ ବୋୟାଜ ପରିବାରର ସଦଶ୍ୟ ଅଟନ୍ତି ।



ବୋୟାଜ ଓ ରୁତ

ସେମାନଙ୍କର ପ୍ରଥମଜାତ

ପୁତ୍ରସନ୍ତାନର ନାମ

ଓବେଦ ରଖିଲେ । ସେ

ପରେ ଦାଊଦ ଏକ

ମହାନ ରାଜାଙ୍କର

ଜେଜବାପା

ହୋଇଗଲେ ।

କିନ୍ତୁ ଆହୁରି ଅଧିକ ଚମତ୍କାର ଭାବରେ, ସେହି ଛୋଟ ଓବେଦ୍ ଯୀଶୁଖ୍ରୀଷ୍ଟଙ୍କର ପୂର୍ବପୁରୁଷ ହୋଇଗଲେ । ଯୀଶୁ ରାଜାମାନଙ୍କର ରାଜା ହେବକୁ ଓ ଜଗତର ଉଦ୍ଧାରକର୍ତ୍ତା ଭାବେ ସେହି ଦାଉଦଙ୍କ ବଂଶଧର ହୋଇ ଆସିଲେ ।



ରୁତ୍ ଏକ ପ୍ରେମ କାହାଣୀ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ରୁତ

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬